ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଦ୍ୱିମାସିକ ସମ୍ବାଦ ପତ୍ରିକା



# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM



ଦ୍ୱିତୀୟ ବର୍ଷ | ୮ମ ସଂଖ୍ୟା | ଜାନୁୟାରୀ-ଫେବୃଆରୀ ୨୦୨୧ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 2 | ISSUE - 8 | Jan.-Feb. 2021 | BHUBANESWAR | 4 PAGES | PRICE : Rs.5.00

## ସଂପାଦକୀୟ

### ନିଶା ନିବାରଣ ଏକ ନିଖିଳ ଭାରତ ସମସ୍ୟା



ସ୍ୱାଧୀନତା ପ୍ରାପ୍ତି ପରେ ସମଗ୍ର ଭାରତରେ ନିଶାନିବାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ତତ୍‌କାଳୀନ ମାଡ୍ରାସ ପ୍ରେସିଡେନ୍ସି, ଓଡ଼ିଶା, ବିହାର ତଥା ଗୁଜରାଟରେ କିଛି ଜାତୀୟ କଂଗ୍ରେସ ଦଳ, ଏହାକୁ ଦଳର କାର୍ଯ୍ୟକ୍ରମ ଭାବରେ ନରଖିବାରୁ ଏହା ଆଗେଇ ପାଇଲା ନାହିଁ । ଗତ ୩୦ ବର୍ଷ ମଧ୍ୟରେ ମଦ ଓ ଡ୍ରଗ୍ସ ଏବଂ ଗୁଟକା ଆଦିର ଉତ୍‌ପାତ ପ୍ରବଳ ବେଗରେ ବଢିବାରେ ଚାଲିଛି । ଯେଉଁ ସବୁ ରାଜ୍ୟ ଏ ଦିଗରେ ଉଦ୍ୟମ କରିଛନ୍ତି, ପଡୋଶୀ ରାଜ୍ୟର ନିଶା ପ୍ରଚଳନ ଥିବାରୁ, ସେମାନେ କିଛି କାଳ ଏହାକୁ କାର୍ଯ୍ୟକାରୀ କରିବା ପରେ ବିଫଳ ହୋଇଛନ୍ତି । ଗୁଜରାଟରେ ନିଶା ନିବାରଣ ଆଇନ ସରକାରୀ ଭାବରେ ପ୍ରଚଳିତ ଥିଲେ ବି ପଡୋଶୀ ରାଜ୍ୟରୁ ସେଠାକୁ ନିଶାଦ୍ରବ୍ୟ ବିଶେଷ କରି ମଦ ଆସୁଛି । ଏହା ସତ୍ତ୍ୱେ ବିହାର ଗତ ପାଂଚ ବର୍ଷ ହେଲା ନିଶା ନିବାରଣ କାର୍ଯ୍ୟ ଚଳାଇ ଆସିଛି । ଏଠାରେ ବି ଗୁଜରାଟ ଭଳି ବାହାରୁ ନିଶାଦ୍ରବ୍ୟ ଆସୁଛି ।

ଏଣୁ ଅଭିଜ୍ଞତା କହେ ସମଗ୍ର ଦେଶରେ ନିଶାନିବାରଣ କାର୍ଯ୍ୟକାରୀ ହେଲେ ହିଁ ଏହି ସମସ୍ୟାର ସମାଧାନ ହେବ । ଭାରତବର୍ଷର ବିଭିନ୍ନ ରାଜ୍ୟରେ ଏ ଦିଗରେ ଉଦ୍ୟମ ଚାଲିଥିଲେ ହେଁ ଏ ଦିଗରେ ଲଢୁଥିବା ସମସ୍ତଙ୍କୁ ମିଶାଇ ଏକ ସର୍ବଭାରତୀୟ ଆନ୍ଦୋଳନ ଗଢିବା ଏପର୍ଯ୍ୟନ୍ତ ହୋଇନଥିଲା । ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଏ ଦିଗରେ ପଥପ୍ରଦର୍ଶକ ଭାବେ କାର୍ଯ୍ୟ ଆରମ୍ଭ କରିଛି । ଭୁବନେଶ୍ୱର ଓ ଦିଲ୍ଲୀରେ ଏଥି ନିମନ୍ତେ (କନ୍‌ଭେନ୍‌ସନ୍) ପ୍ରାରମ୍ଭିକ ସମ୍ମିଳନୀ ହୋଇଯାଇଛି । ଏହାକୁ ଅଧିକ ସଫଳ କରିବା ଲାଗି ଏପ୍ରିଲ୍ ୫ ତାରିଖ ଦିନ ବିହାରର ରାଜଧାନୀ ପାଟନାରେ ଏକ କନ୍‌ଭେନ୍‌ସନ୍ ଆହୁତ ହୋଇଛି; ଯେଉଁଠାରେ ଦେଶର ଅଧିକାଂଶ ରାଜ୍ୟର ପ୍ରତିନିଧିମାନେ ଯୋଗଦେବାର ଆଶା କରାଯାଉଛି ।

ଚାଷୀଙ୍କ ଆନ୍ଦୋଳନ ଗୋଟିଏ ଅଂଚଳରେ ଅଳ୍ପ କିଛି ସମସ୍ୟାକୁ ନେଇ କି ସଫଳ ହୋଇଛି; କିନ୍ତୁ ନିଶା ପ୍ରସାରଣ କୋଭିଡ୍-ଭୂତାଣୁ ବ୍ୟାପିବା ଭଳି ଅଂଚଳ ବା ରାଜ୍ୟ ସୀମା ନମାନି ବ୍ୟାପିବାରେ ଲାଗିଥାଏ । ଏହାକୁ ଗୋଟିଏ ଅଂଚଳ ବା ରାଜ୍ୟରେ ଆୟତ କରି ସଫଳ ହେବା ଅସମ୍ଭବ ।

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)

ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ : ସର୍ବଶ୍ରୀ ଅର୍ଜୁନ ସାମନ୍ତରାୟ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ, କୈଳାସ ଚନ୍ଦ୍ର ମଲ୍ଲିକ

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
ଯୋଗଯୋଗ : ୯୮୬୧୬୭୩୪୦୪, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭, ୭୯୭୮୬୫୯୧୪୧
ଫୋନ୍ : ୦୬୭୪-୨୩୯୦୨୧୦, e-mail : monnaodisha@gmail.com, web : www.monnaodisha.org

## ନିଶା/ମଦ ସମ୍ପର୍କୀୟ କେତେକ ଜାଣିବା କଥା

ପ୍ରଶ୍ନ ୧. ନିଶା ନିବାରଣ ବିଷୟରେ ଗାନ୍ଧିଜୀ ମତ କ'ଣ ?

ଉ: ସ୍ୱାଧୀନତା ହାସଲ ପରେ ପ୍ରଥମେ ଯଦି କିଛି କରିବାକୁ ହୁଏ ତାହା ହେଉଛି ନିଶା ନିବାରଣ

ପ୍ର. ୨. ନିଶା ପାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ମତ କ'ଣ ?

ଉ. ସୁପ୍ରିମକୋର୍ଟରେ ଏକ ପାଂଚଜଣିଆ ବେଂଚ ଭାରତୀୟ ସମ୍ବିଧାନର ୪୭ ଧାରାକୁ ଉଦ୍ଧାର କରି ମଦ କେବଳ ଔଷଧ ରୂପେ ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଇପାରେ । ଏଣୁ ମାନ୍ୟବର କୋର୍ଟଙ୍କ ସ୍ପଷ୍ଟ ମତ ହେଲା ଯେ "ଧର୍ତବ୍ୟ ଅପରାଧକୁ" ଏକ ବ୍ୟବସାୟରେ ପରିଣତ କରାଯାଇନପାରେ ।

ପ୍ର.୩ ନିଶା ନିବାରଣ ସମ୍ପର୍କରେ ପୂର୍ବତନ ଅବକାରୀ କମିଶନର ଟେକ୍‌ଚାନ୍ଦ୍‌ଙ୍କ ମତ କଣ ?

ଉ. ମଦ ଲାଇସେନ୍ସରୁ ଟଙ୍କାଟିଏ ଆୟ ହେଲେ ମଦ ଯୋଗୁଁ ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସମସ୍ୟା ଓ ପ୍ରଶାସନିକ ବ୍ୟବସ୍ଥା ଆଦି କ୍ଷେତ୍ରରେ ଶହେ ଟଙ୍କା କିମ୍ବା ସ୍ଥଳ ବିଶେଷରେ ଅକଳନ ଖର୍ଚ୍ଚ ହୁଏ । ନିଶା/ମଦ ଯୋଗୁଁ ସମାଜରେ ବିଭିନ୍ନ ପ୍ରକାର ଅପରାଧ, ରୋଗ, ବେଆଇନ କାର୍ଯ୍ୟକଳାପ, ଅସ୍ୱାଭାବିକ ବ୍ୟବହାର, ଘରୋଇ ହିଂସା ଓ ଦୁର୍ଘଟଣା ସୃଷ୍ଟି ହୁଏ ।

ପ୍ର.୪ ମଦ ବା ନିଶା ଯୋଗୁଁ ଆମ ଦେଶରେ କେତେ ଲୋକ ମୃତ୍ୟୁବରଣ କରିଥାନ୍ତି ?

ଉ. ଆମ ଦେଶରେ ପ୍ରତି ସେକେଣ୍ଡରେ ପ୍ରାୟ ଜଣଙ୍କର ମୃତ୍ୟୁ ହୁଏ ।

ପ୍ର.୫ ମଦରୁ ୨୦୧୪-୧୫, ୨୦୧୫-୧୬ ଓ ୨୦୧୯-୨୦ରେ ଓଡ଼ିଶା ସରକାର କେତେ ରାଜସ୍ୱ ପାଇଥିଲେ ?

ଉ. ମଦରୁ ୨୦୧୪-୧୫ ମସିହାରେ ୧୬୦୦ କୋଟି, ୨୦୧୫-୧୬ରେ ୨୧୦୦ କୋଟି ଓ ୨୦୧୯-୨୦ରେ ୩ ହଜାର ୨୦୦ କୋଟି ପାଇଥିଲେ । ଯାହାକି ମୋଟ ବଜେଟ ଖର୍ଚ୍ଚର ଶତକଡା ୨.୩% ଭାଗ ।

ପ୍ର.୬. ରାଜ୍ୟ ସରକାର ଚାହିଁଲେ କେଉଁ ବାବଦରୁ ଏହି ରାଜସ୍ୱକୁ ଭରଣା କରିପାରିବେ ।

ଉ. ରାଜ୍ୟ ସରକାର ପାଣିରୁ ବାକିଥିବା ୧୦,୦୦୦ କୋଟି ଆଦାୟ କରିପାରନ୍ତି । ଖଣିରୁ ଅନାଦେୟ ୬୩୦୦ କୋଟି ଟଙ୍କା ମଧ୍ୟ ଆଦାୟ ହୋଇପାରିବ । ମାତ୍ର ଆନ୍ତରିକତା ଅଭାବରୁ କିମ୍ବା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଚାପରେ ସରକାର ଏହା କରୁନାହାନ୍ତି ।

ପ୍ର.୭. ମଦ କେଉଁ କେଉଁ ରାଜ୍ୟରେ ବିକ୍ରୀ କରାଯାଏ ନାହିଁ ?

ଉ. ଗୁଜରାଟ, ବିହାର, ମଣିପୁର ସରକାର ମଦ ବିକ୍ରୀକୁ ବନ୍ଦ କରିଛନ୍ତି । ଆନ୍ଧ୍ର, ତାମିଲନାଡୁ, କେରଳ ମହାରାଷ୍ଟ୍ର ଇତ୍ୟାଦିରେ ପ୍ରତିବର୍ଷ ଆଂଶିକ ଭାବରେ କିଛି କିଛି ମଦ ବନ୍ଦ କରିଥାନ୍ତି ।

ପ୍ର.୮. ଓଡ଼ିଶାର ଦାରିଦ୍ର୍ୟ ପାଇଁ ଦାୟୀ କିଏ ?

ଉ. ଗାନ୍ଧିଜୀଙ୍କ ମତରେ ଓଡ଼ିଶାର ଦାରିଦ୍ର୍ୟ ପାଇଁ ନିଶା ପ୍ରଚଳନ ଓ ଆଳସ୍ୟ ହିଁ ମୁଖ୍ୟତଃ ଦାୟୀ ।

ପ୍ର.୯. ଯଦୁ ବଂଶ ଧ୍ୱଂସ ପାଇବାର କାରଣ କ'ଣ ?

ଉ. ପୁରାଣରେ ସୁରାପାନ/ନିଶାପାନ ଯୋଗୁଁ ଯଦୁବଂଶ ଧ୍ୱଂସ ପାଇଥିବାର ବର୍ଣ୍ଣନା କରାଯାଇଛି । ଭଗବାନ କୃଷ୍ଣ ମଧ୍ୟ ସୁରାପାନ କବଳରୁ ନିଜ ବଂଶକୁ ରକ୍ଷା କରିପାରିଲେ ନାହିଁ ।

ପ୍ର.୧୦. ରୋମ ସାମ୍ରାଜ୍ୟର ପତନର କାରଣ କ'ଣ ?

ଉ. ଐତିହାସିକମାନଙ୍କ ମତରେ ନିଶାପାନ ରୋମ ସାମ୍ରାଜ୍ୟ ପତନର ଅନ୍ୟତମ କାରଣ ।

ପ୍ର.୧୧. "ମୋନା"ର ଲକ୍ଷ୍ୟ କ'ଣ ?

ଉ. ୧୯୫୬ ମସିହାରେ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା, ଭବିଷ୍ୟତ ବଂଶଧରମାନଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କରିବା ଓ ମଦକୁ ବିହାର, ଗୁଜରାଟ ସରକାରଙ୍କ ପରି ଆମ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବାଧ କରିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର ଲକ୍ଷ୍ୟ ।



ଗତ ୨୦୨୧ ଫେବୃଆରୀ ୯ତାରିଖ ଦିନ "ମଦମୁକ୍ତ ଭାରତ"ର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଆବାହକ ଆଚାର୍ଯ୍ୟ ସନ୍ତୋଷାନନ୍ଦ ଅବଧୂତଙ୍କର ଭୁବନେଶ୍ୱର "ମୋନା" କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ସମଗ୍ର ଭାରତରେ ମଦବିରୋଧୀ ଆନ୍ଦୋଳନକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିଚାର ଆଲୋଚନା କରାଯାଇଛି ।

**ମଦୁଆ ଆଜି ଗାଁ ଗାଁରେ - ଯୁବ ସମାଜ ମଦ କବଳେ**

